

# ସତ୍ୟବାକ୍ୟ

# THE WORD OF TRUTH

**MARCH & APRIL 2018**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-24.March & April 2018. No-2**

***Published every two months in Oriya language for the Restoration of the pure New Testament Christianity***


---

### INTRODUCTIOM

"Marriage is honorable in all, and the bed undefiled" (Heb. 13:4). When someone reads the Bible it will be very clear that a union between one man and one woman (which is God's definition of marriage) is honorable and has to be kept pure by both man and the woman. God created man and saw that, "It is not good that the man should be alone; I will make him and an help meet for him" (Gen.2:18). Paul says that, "For the man is not of the woman; but the woman of the man" (1Co.11:9). It is hence very important to study the Biblical role of husbands in the home.

The word "husband" is contraction composed of the word house and band; thus, the band around the house. The husband is the band of love, security and protection around the home. In the Old Testament, God is spoken of as husband to Israel (Jer. 31:32; Hosea 2:16; 19:20; Isa 54:5,6). In the New testament, Christ is portrayed as the groom (John 3:29; 2Cor 11:2; Eph. 5:22,23). Accordingly we can deduct that the relationship sustained by husband is a holy and sacred one (Winkler, 80).

### A HUSBAND IS A LEADER

A leader is the one who leads. This is true for husband as well. God has defined it that way for husband. "For the husband is the head of the wife..." (Eph. 5:23). In order that a home be in accordance to what God has desired it to be the husband has to know that.

# ସତ୍ୟବାଣୀ
# VOICE OF TRUTH

VOL - XXIV KAKINADA MAR-APR-2018


## ଈଶ୍ୱରଙ୍କ ମନ୍ଦିର
### ( The Temple of God )

ପୂର୍ବକାଳରେ ଯିରୁଶାଲମରେ ଈଶ୍ୱରଙ୍କ ମନ୍ଦିର ଅବସ୍ଥିତ ଥିଲା, କିନ୍ତୁ ଖ୍ରୀଷ୍ଟୀୟ ଯୁଗରେ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏକ ଈଶ୍ୱରଙ୍କ ମନ୍ଦିର, କିଅବା ଏକ ଅଟ୍ଟାଳିକା ନାହିଁ । କିନ୍ତୁ ଈଶ୍ୱରଙ୍କ ନିମନ୍ତେ ଏକ ଅଟ୍ଟାଳିକା ବା ପ୍ରସାଦ ନ ଥିଲେ ଆତ୍ମିକ ଭାବେ ଖ୍ରୀଷ୍ଟିୟାନମାନେ ହିଁ ''ଈଶ୍ୱରଙ୍କ ମନ୍ଦିର'' ଅଟନ୍ତି । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀ କି ଲେଖନ୍ତି, ''ତୁମ୍ଭେମାନେ କି ଜାଣ ନାହିଁ ଯେ, ତୁମ୍ଭେମାନେ ଈଶ୍ୱରଙ୍କ ମନ୍ଦିର, ଆଉ ଈଶ୍ୱରଙ୍କ ଆତ୍ମା ତୁମ୍ଭମାନଙ୍କ ଅନ୍ତରରେ ବାସ କରନ୍ତି ?'' (୧ମ କରିନ୍ଥୀ ୩:୧୬) । ବ୍ୟକ୍ତିଗତ ଭାବେ ପରମେଶ୍ୱର ଆମ୍ଭମାନଙ୍କ ମଧ୍ୟରେ ନିବାସ କରନ୍ତି ଓ ସାମୁହିକ ଭାବେ ମଣ୍ଡଳୀରେ ନିବାସ କରନ୍ତି । ଅର୍ଥାତ୍ ଭୌତିକ ଅଟ୍ଟାଳିକାମାନ ଈଶ୍ୱରଙ୍କ ମନ୍ଦିର ନୁହେଁ, ତେଣୁ କରି ମଣ୍ଡଳୀ ଏକତ୍ରିତ ହେବା ଅଟ୍ଟାଳିକାଗୁଡ଼ିକ ଯିରୁଶାଲମର ମନ୍ଦିର ସଦୃଶ୍ୟ ପବିତ୍ର ମନେ କରିବା ଉଚିତ ନୁହେଁ । ଯିରୁଶାଲମରେ ଯିହୂଦୀମାନଙ୍କ ମନ୍ଦିର ଅବସ୍ଥିତ ଥିଲା । ଅଣ ଯିହୂଦୀମାନଙ୍କ ନଗରମାନଙ୍କରେ, ବିଶେଷତଃ କରିନ୍ଥୀ ନଗରରେ ଅନେକ ମନ୍ଦିର ଥିଲା । ବର୍ତ୍ତମାନ ମଣ୍ଡଳୀ ହିଁ ଈଶ୍ୱରଙ୍କ ମନ୍ଦିର ଅଟେ । ସଦାପ୍ରଭୁ ଓ ଖ୍ରୀଷ୍ଟିୟାନମାନଙ୍କ ସହଭାଗିତାର ସ୍ଥଳ ମଣ୍ଡଳୀ । ସମାଗମ ତମ୍ବୁରେ ସଦାପ୍ରଭୁ ସ୍ୱର୍ଗରୁ ଓହ୍ଲାଇ, ଈଶ୍ରାଏଲ୍ ସହ ସାକ୍ଷାତ କରୁଥିଲେ (ଯାତ୍ରା ୨୯:୪୨) ସମାଗମ ତମ୍ବୁର ପରିବର୍ତ୍ତେ ମନ୍ଦିର ନିର୍ମାଣ ହେବା ପରେ, ତାହା ସଦାପ୍ରଭୁ ଓ ତାହାଙ୍କ ସନ୍ତାନଗଣ (ଇଶ୍ରାଏଲମାନଙ୍କ) ସମ୍ମିଳନର ସ୍ଥାନ ହେଲା । ଅନୁଗ୍ରହ ଯୁଗରେ ମଣ୍ଡଳୀ, ନୂତନ ମନ୍ଦିର ହୋଇଥିବାରୁ, ମଣ୍ଡଳୀ ହିଁ ସେହି ସମ୍ମିଳନୀର ସ୍ଥାନ । ଈଶ୍ୱରଙ୍କ ସହ ସମ୍ମିଳିତ ହେବା ନିମନ୍ତେ ତାହାଙ୍କ ସାନ୍ନିଧ ପ୍ରାପ୍ତ ହେବା ନିମନ୍ତେ ତାହାଙ୍କ ମଣ୍ଡଳୀରେ ରହୁ ।

ମଣ୍ଡଳୀ, ସଦାପ୍ରଭୁଙ୍କ ନିବାସ ସ୍ଥଳ । ସଦାପ୍ରଭୁଙ୍କ ଆତ୍ମା ଆମ୍ଭମାନଙ୍କ ଠାରେ ବାସ କରନ୍ତି । ''ତାହାଙ୍କ ଠାରେ ତୁମ୍ଭେମାନେ ମଧ୍ୟ ଈଶ୍ୱରଙ୍କ ଆତ୍ମିକ ନିବାସ ନିମନ୍ତେ ଏକତ୍ର ନିର୍ମିତ ହେଉଅଛି ।'' (ଏଫିସୀ ୨:୨୨) । ''....କାରଣ ଆମ୍ଭେମାନେ ଜୀବିତ ଈଶ୍ୱରଙ୍କ ମନ୍ଦିର ଅଟୁ, ଯେପରି ଈଶ୍ୱର କହିଅଛନ୍ତି, ଆମ୍ଭେ ସେମାନଙ୍କ ମଧ୍ୟରେ ବାସ କରିବା, ସେମାନଙ୍କ ମଧ୍ୟରେ ଭ୍ରମଣ କରିବା, ଆମ୍ଭେ ସେମାନଙ୍କ ଈଶ୍ୱର ହେବା, ଆଉ ସେମାନେ ଆମ୍ଭର ଲୋକ ହେବେ ।'' (୨ କରିନ୍ଥୀ ÷୧୬) । ସଦାପ୍ରଭୁ ଆମ୍ଭମାନଙ୍କ ସହଭାଗିତା ଲୋଡ଼ନ୍ତି, ଆମ୍ଭେମାନେ ସୁଦ୍ଧା ତାହାଙ୍କ ସହଭାଗିତା ଲୋଡ଼ିବା ଆବଶ୍ୟକ । ତାହାଙ୍କ ସହ ସହଭାଗିତା ନିମନ୍ତେ ଆମ୍ଭମାନଙ୍କୁ ମଣ୍ଡଳୀରେ ରହିବା ଆବଶ୍ୟକ ।

ମଣ୍ଡଳୀ, ଉପାସନାର ସ୍ଥାନ । ପ୍ରେରିତ ପିତର କହନ୍ତି,''ତାହାଙ୍କ ନିକଟକୁ ଆସି ତୁମ୍ଭେମାନେ ମଧ୍ୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଆତ୍ମିକ ବଳି ଉତ୍ସର୍ଗ କରିବା ନିମନ୍ତେ ପବିତ୍ର ଯାଜକବର୍ଗ ହେବା ପାଇଁ ଜୀବନ୍ତ ପ୍ରସ୍ତର ସ୍ୱରୂପ ହୋଇ ଗୋଟିଏ ପାରମାର୍ଥିକ ଗୃହ ଉପରେ ନିର୍ମିତ ହୁଅ ।'' (୧ମ ପିତର ୨:୫) ଯିହୂଦୀମାନେ ଯିରୁଶାଲମର ମନ୍ଦିରରେ ଉପାସନା କରୁଥିଲେ ଓ ବଳି ଉତ୍ସର୍ଗ କରୁଥିଲେ । ସେହିପରି ଆମ୍ଭେମାନେ ମଣ୍ଡଳୀରେ ଉପାସନା କରୁ ଓ ଆତ୍ମିକ ବଳି ଉତ୍ସର୍ଗ କରୁ । ''କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ  ସେପରି ସମୟ ଆସୁଅଛି, ପୁଣି, ବର୍ତ୍ତମାନ ସୁଦ୍ଧା ଉପସ୍ଥିତ, କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି ।'' (ଯୋହନ ୪:୨୩) । ସଦାପ୍ରଭୁ ତାହାଙ୍କ ସେବକମାନେ ତାହାଙ୍କ ଉପାସନା କରିବା ଚାହାନ୍ତି । ତାହାଙ୍କର ଉପାସନା କରିବା ନିମନ୍ତେ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ରହିବା ଆବଶ୍ୟକ । ଏତଦ୍ୱାରା ଆମ୍ଭୋମାନେ ମଣ୍ଡଳୀର ପ୍ରାଧାନ୍ୟତା ଜାଣିପାରୁ ।

ମଣ୍ଡଳୀରେ କିପରି ପ୍ରବେଶ କରିପାରିବା ? ''ଯେଣୁ ଆମ୍ଭେମାନେ ଯିହୂଦୀ ହେଉ ବା ଗ୍ରୀକ୍ ହେଉ, ଦାସ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ ଏକ ଆତ୍ମା ଦ୍ୱାରା ଏକ ଶରୀର ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ, ଆଉ ସମସ୍ତେ ଏକ ଆତ୍ମାରୁ ପାନ କରିଅଛୁ (୧ମ କରିନ୍ଥୀ ୧୨:୨୩) । ଅତଏବ, ଆମ୍ଭେମାନେ ଏକ ଶରୀର ରୂପ ମଣ୍ଡଳୀ ସଂଯୁକ୍ତ ହେବା ନିମନ୍ତେ ବାପ୍ତିଜିତ ହେଉ ।

ପ୍ରେରିତ ପାଉଲ କହନ୍ତି, ''ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ, ତେବେ ଈଶ୍ୱର ତାକୁ ନଷ୍ଟ କରିବେ କାରଣ ଈଶ୍ୱରଙ୍କ ମନ୍ଦିର ପବିତ୍ର, ସେହି ମନ୍ଦିର ତୁମ୍ଭେମାନେ।'' (୧ମ କରିନ୍ଥୀ ୩:୧୭)। ଏହା ଏକ ଭୟଙ୍କର ସତର୍କବାଣୀ। ପୁରାତନ ବ୍ୟବସ୍ଥାର ସମୟରେ ମଧ୍ୟ ଯିରୂଶାଲମ ମନ୍ଦିର ପବିତ୍ର ରଖିବାରେ ସଦାପ୍ରଭୁ ସତର୍କ କରିଥିଲେ। ମନ୍ଦିର ନିର୍ମାଣ ବିଷୟରେ, ସେଥିରେ ପ୍ରବେଶ ବିଷୟରେ ସେ ନିର୍ଦ୍ଦିଷ୍ଟ ସଙ୍କେତ ଦେଇଥିଲେ। ମନ୍ଦିରର ପ୍ରତ୍ୟେକ ପାତ୍ର, ରକ୍ତ ଦ୍ୱାରା ଶୁଦ୍ଧିକରଣ କରାଯାଉଥିଲା। ଯାଜକ ଆପଣା ଆପଣାକୁ ଧୌତ କରି ମନ୍ଦିରରେ ପ୍ରବେଶ କରୁଥିଲେ। ''.....ଓ ପବିତ୍ର ସ୍ଥାନକୁ ସମାଦର କରିବ।'' (ଲେବୀ ୧୯:୩୦)। ''ମାତ୍ର ଯେଉଁ ଲୋକ ଅଶୁଚି ହୋଇ ଆପଣାକୁ ପରିଷ୍କାର ନ କରିବ, ସେହି ପ୍ରାଣୀ ସମାଜ ମଧ୍ୟରୁ ଉଚ୍ଛିନ୍ନ ହେବ, କାରଣ ସଦାପ୍ରଭୁଙ୍କର ପବିତ୍ର ସ୍ଥାନ ଅଶୁଚି କଲା, ତାହା ଉପରେ ଅଶୌଚାର୍ଥକ ଜଳ ସେଚିତ ହେଲା ନାହିଁ, ସେ ଅଶୁଚି।'' (ଗଣନା ୧୯:୨୦)। ସଦାପ୍ରଭୁ ଭୌତିକ ମନ୍ଦିରର ପବିତ୍ରତା ବିଷୟରେ ଏତେ ମନଯୋଗୀ ଥିଲେ, ତେବେ ତାହାଙ୍କ ଆତ୍ମିକ ମନ୍ଦିରର ପବିତ୍ରତା ବିଷୟରେ କି ସେ ମନଯୋଗୀ ନୋହିବେ ?

ଈଶ୍ୱରଙ୍କ ମନ୍ଦିରକୁ ପବିତ୍ର ରଖିବାରେ ସତର୍କ ରହୁ। ପୁରାତନ ବ୍ୟବସ୍ଥା ସମୟ ସଦୃଶ୍ୟ ମନ୍ଦିରର ବାହ୍ୟ ବିଷୟ ଅପବିତ୍ରତା ନୁହେଁ, କିନ୍ତୁ ଆତ୍ମାର ଅପବିତ୍ରତା ଅର୍ଥାତ୍ କଳୁଷିତ ଜୀବନଯାପନ କରିବା, (୧ମ କରିନ୍ଥୀ ୬:୧୯,୨୦), କିଅବା ଆଜ୍ଞାପିତ ହୋଇ ନଥିବା କୌଣସି ପ୍ରଥା ଉପାସନାରେ ସଂଯୁକ୍ତ କରିବା।

ଅନ୍ୟ ଏକ ବିଷୟ ମନ୍ଦିରକୁ ଅପବିତ୍ର କରେ, ତାହା ହେଲା ବିଭାଜନ। ''ଯେଣୁ, ଏ ପର୍ଯ୍ୟନ୍ତ ତୁମ୍ଭେମାନେ ଶାରୀରିକ ଅଟ। କାରଣ ଯେତେବେଳେ ତୁମ୍ଭେମାନଙ୍କ ମଧ୍ୟରେ ଈର୍ଷା ଓ ବିବାଦ ରହିଅଛି, ତୁମ୍ଭେମାନେ କି ଶାରୀରିକ ନୁହଁ ଓ ମନୁଷ୍ୟ ସ୍ୱଭାବ ଅନୁସାରେ କି ଆଚରଣ କରୁନାହଁ ?'' (୧ମ କରିନ୍ଥୀ ୩:୩)। କୌଣସି ଶାରୀରିକ ବିଷୟ ଈଶ୍ୱରଙ୍କ ପବିତ୍ର ସ୍ଥାନରେ ପ୍ରବେଶ ନ କରୁ। ତଥାପିମଣ୍ଡଳୀମାନଙ୍କରେ ଈର୍ଷା ଓ ବିବାଦ ରହିଅଛି। ଈର୍ଷା ଓ ବିବାଦର ପ୍ରବେଶରେ ଈଶ୍ୱରଙ୍କ ମନ୍ଦିର ନଷ୍ଟ ହୁଏ ଏବଂ ଈଶ୍ୱରଙ୍କ ମନ୍ଦିର ନଷ୍ଟ କରିବା ବ୍ୟକ୍ତିମାନଙ୍କୁ ଈଶ୍ୱର ନଷ୍ଟ କରିବେ। (୧ମ କରନ୍ଥୀ ୩:୧୭)

**- Jerry Bates**

# ଯୀଶୁଖ୍ରୀଷ୍ଟଙ୍କ ଐଶ୍ୱରିକତ୍ୱ
## ( Jesus Christ is Deity )

ଯୀଶୁଖ୍ରୀଷ୍ଟ କିଏ ? ସେ ଏହି ଜଗତରେ ପରିଚର୍ଯ୍ୟା କରିବା ସମୟରେ ଅନେକଙ୍କ ମନରେ ଏହି ପ୍ରଶ୍ନ ଉଠିଥିଲା । ଅନେକେ ଅନେକ ଭାବରେ ଏହି ପ୍ରଶ୍ନର ଉତ୍ତର ଦେଇଥିଲେ । କିନ୍ତୁ ସେମାନଙ୍କ ଉତ୍ତର ଅସମ୍ପୂର୍ଣ୍ଣ ଥିଲା ।

''ଏଥିରେ ସେମାନେ କହିଲେ, କେହି କେହି କହନ୍ତି, ବାପ୍ତିଜକ ଯୋହନ, କେହି କେହି ଏଲୀୟ, ଆଉ କେହି କେହି ଯିରିମୀୟ ଅବା ଭାବବାଦୀମାନଙ୍କ ମଧ୍ୟରୁ ଜଣେ ।'' (ମାଥିଉ ୧୬:୧୪) । ଏହି ଆଧୁନିକ ଯୁଗରେ ଯୀଶୁଙ୍କୁ ଏକ ଐତିହାସିକ ବ୍ୟକ୍ତି, ଏକ ମହାନ୍ ଶିକ୍ଷକ, ଏକ ଉତ୍ତମ ଓ ଆଦର୍ଶ ପୁରୁଷ, ଏକ ଭାବବାଦୀ କିନ୍ତୁ, 'ସେହି ଭାବବାଦୀ' ଯାହାଙ୍କ ବିଷୟରେ ଦ୍ୱି.ବି. ୧୮:୧୫ରେ ଲିଖିତ ହୋଇଅଛି ବୋଲି ଗ୍ରହଣ କରନ୍ତି ନାହିଁ । ସେ ଏକ ପ୍ରଖ୍ୟାତ ଧାର୍ମିକ ସଂସ୍ଥା ସ୍ଥାପନ କରିଥିଲେ କିନ୍ତୁ ତାହାଙ୍କ କନ୍ୟା ଗର୍ଭରୁ ଜାତ ହେବା ବିଷୟରେ ସେମାନେ ବିଶ୍ୱାସ କରନ୍ତି ନାହିଁ ।

ସମ୍ପୂର୍ଣ୍ଣ ଓ ସତ୍ୟ ଉତ୍ତର ପ୍ରେରିତ ପିତର ସ୍ୱୀକାର କରି କହିଥିଲେ, ''.....ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।'' (ମାଥିଉ ୧୬:୧୬) । ଯୀଶୁ ତାହାଙ୍କ ଉତ୍ତରରେ ପ୍ରସନ୍ନ ହୋଇ କହିଲେ,''.....ହେ ଯୂନର ପୁତ୍ର ଶିମୋନ, ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରିନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା ପ୍ରକାଶ କରିଅଛନ୍ତି ।'' (ମାଥିଉ ୧୬:୧୭)

ସ୍ୱର୍ଗୀୟ ପିତା ତାହାଙ୍କ ପୁତ୍ରଙ୍କ ବିଷୟରେ କିପରି ସାକ୍ଷ୍ୟ ଦିଅନ୍ତି ? ତାହାଙ୍କ ସାକ୍ଷ୍ୟ ପବିତ୍ର ପୁସ୍ତକ ବାଇବଲରେ ଲିଖିତ ହୋଇଅଛି ।

ଯୀଶୁ କହିଲେ,''......ମୁଁ ଓ ପିତା ଏକ ।'' (ଯୋହନ ୧୦:୩୦) ମହାସଭାରେ ପ୍ରଧାନ ଯାଜକ ତାହାଙ୍କୁ ପଚାରିଲେ, ''.....ତୁମ୍ଭେ କି ମଙ୍ଗଳମୟଙ୍କ ପୁତ୍ର ଖ୍ରୀଷ୍ଟ ? ଯୀଶୁ କହିଲେ, ମୁଁ ସେହି........ ।'' (ମାର୍କ ୧୪:୬୦,୬୧)

ମଶୀହଙ୍କ ବିଷୟକ ଭାବବାଣୀ ସକଳ ଯୀଶୁଖ୍ରୀଷ୍ଟଙ୍କ ଜୀବନରେ ସଫଳ ହୋଇଥିଲା । ତାହାଙ୍କ ପୁନଃରୁଥାନ ଭାବବାଦୀମାନଙ୍କ ଓ ଗୀତସଂହିତା ଧର୍ମଶାସ୍ତ୍ରରେ ମୋ ବିଷୟରେ ଯାହା ଯାହା ଲେଖାଅଛି, ସେହିସବୁ ସଫଳ ହେବା ଆବଶ୍ୟକ, ମୁଁ

ତୁମ୍ଭମାନଙ୍କ ସଙ୍ଗରେ ଥିବା ସମୟରେ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଥିଲେ ।'' (ଲୂକ ୨୪:୪୪)

ଯୀଶୁଖ୍ରୀଷ୍ଟଙ୍କ ଜୀବନଶୈଳୀ ଅତୁଳନୀୟ । ତାହା ସଦୃଶ୍ୟ କେହି ଶିକ୍ଷା ଦେଇ ପାରନ୍ତି ନାହିଁ । ତାହାଙ୍କୁ ଧରିଆଣିବା ନିମନ୍ତେ ପ୍ରେରିତ ପଦାତିକମାନେ ଫେରି ଆସି କହିଲେ, ''......ଏହି ବ୍ୟକ୍ତି ଯେ ପ୍ରକାରେ କଥା କହନ୍ତି, କୌଣସି ମନୁଷ୍ୟ ସେ ପ୍ରକାରେ କହିନାହାନ୍ତି ।'' (ଯୋହନ ୭:୨୮,୨୯)

ଯୀଶୁଖ୍ରୀଷ୍ଟ ଏକ ଶୁଦ୍ଧ, ପବିତ୍ର ଜୀବନଯାପନ କରି ଆପଣା ଐଶ୍ୱରିକତ୍ୱର ପ୍ରମାଣ ଦେଇଅଛନ୍ତି । ତାହାଙ୍କ ଆଲୋଚନାରେ କିଅବା କଥାବାର୍ତ୍ତା କିଅବା କାର୍ଯ୍ୟକଳାପରେ କୌଣସି ତ୍ରୁଟି ନ ଥିଲା । ପ୍ରେରିତ ପିତର ଲେଖନ୍ତି, ''ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ଶତ୍ରୁମାନେ ତାହାଙ୍କୁ ଛଳରେ ଫାନ୍ଦରେ ପକାଇବାକୁ ଚେଷ୍ଟା କଲେ ହେଁ, ବିଫଳ ହେଲେ, କାରଣ ତାହାଙ୍କ ଠାରେ କୌଣସି ପାପ ନ ଥିଲା । ''ସେଥିରେ ପୀଲାତ ପ୍ରଧାନ ଯାଜକ ଓ ଲୋକ-ସମୂହକୁ କହିଲେ, ଆମ୍ଭେ ଏହି ଲୋକ ଠାରେ କୌଣସି ଦୋଷ ପାଉନାହୁଁ ।'' (ଲୂକ ୨୩:୪) । ସେ ଆମ୍ଭମାନଙ୍କ ଆଦର୍ଶ, ତାହାଙ୍କୁ ଅନୁସରଣ କରୁ । ଦୃଶ୍ୟ ଓ ଅଦୃଶ୍ୟ ଜଗତରେ ତାହାଙ୍କ ଶକ୍ତି ସେ ପ୍ରକଟ କରିଥିଲେ । ସେ ଅନ୍ଧକୁ ଦୃଷ୍ଟି, ଖଞ୍ଜକୁ ଚାଲିବାକୁ ଶକ୍ତି ଓ ମୃତକୁ ସଜୀବ କରିଥିଲେ । ତୁଫାନଙ୍କ ଧମକ ଦେଇ ଶାନ୍ତ କରିଥିଲେ । ଦୁଷ୍ଟ ଆତ୍ମାମାନଙ୍କୁ ତଡ଼ି ଦେଇଥିଲେ । ଅନେକ ଆଶ୍ଚର୍ଯ୍ୟକର୍ମ କରି, ତାହାଙ୍କ ଐଶ୍ୱରିକତ୍ୱ ପ୍ରମାଣ କରିଥିଲେ । ତାହାଙ୍କ ଶତ୍ରୁମାନେ ମଧ୍ୟ ତାହାଙ୍କ କୃତ ଆଶ୍ଚର୍ଯ୍ୟକର୍ମ ବିଷୟରେ ଜ୍ଞାତ ଥିଲେ, ତଥାପି ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ଗ୍ରାହ୍ୟ କରୁ ନଥିଲେ । (ମାଥିଉ ୧୨:୨୨-୨୭) । ''ସେଥିରେ ପ୍ରଧାନ ଯାଜକ ଓ ଫାରୂଶୀମାନେ ମହାସଭା ଆହ୍ୱାନ କରି କହିଲେ, ଆମ୍ଭେମାନେ କଅଣ କରୁଅଛୁ ? ଏ ଲୋକ ତ ଅନେକ ଆଶ୍ଚର୍ଯ୍ୟକର୍ମ କରୁଅଛି ! ସେ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ଏହା ପ୍ରମାଣ କରିବା ନିମନ୍ତେ ଏହି ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ କରିଥିଲେ । ''ଯୀଶୁ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ । କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ

ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥି ନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।'' (ଯୋହନ ୨୦:୩୦,୩୧) ।

ଖ୍ରୀଷ୍ଟ କ୍ରୁଶୀୟ ମରଣ ଭୋଗି, ତୃତୀୟ ଦିନରେ ମୃତ୍ୟୁଞ୍ଜୟୀ ହୋଇ ସଜୀବ ହେଲେ । ତାହାଙ୍କ ସମାଧି ଖାଲିଥିବା ବିଷୟ, ତାହାଙ୍କ ଶତ୍ରୁମାନେ ମଧ୍ୟ ଜ୍ଞାତ ହେଲେ । ତାହାଙ୍କ ପୁନଃରୁତ୍ଥାନର ପଞ୍ଚଦଶ ଦିନରେ ଅର୍ଥାତ୍ ପେଣ୍ଟିକଷ୍ଟ ପର୍ବ ଦିନରେ, ଯିରୁଶାଲମରେ ପ୍ରେରିତ ପାଉଲ ଉପସ୍ଥିତ ଜନତାଙ୍କୁ ଏହି ବିଷୟ ପ୍ରକଟ କରିଥିଲେ । (ପ୍ରେରିତ ୨:୨୨-୨୪, ୩୧, ୩୨) । ତାହାଙ୍କ ଶତ୍ରୁମାନେ ଏ ବିଷୟରେ ପ୍ରତିବାଦ ନ କରିଥିଲେ କିଅବା ତାହାଙ୍କ ମୃତ ଶରୀର ଉପସ୍ଥାପନ କରି ପାରି ନଥିଲେ । ଯୀଶୁଖ୍ରୀଷ୍ଟ ପୁର୍ନରୁତ୍ଥିତ ହୋଇ ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବସିଅଛନ୍ତି । (ପ୍ରେରିତ ୨:୨୨-୩୪) ତାହାଙ୍କ ପୁନଃରୁତ୍ଥାନ, ତାହାଙ୍କ ଐଶ୍ୱରିକତ୍ୱର ପ୍ରମାଣ ଦିଏ । ''କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନଃରୁତ୍ଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ ।'' (ରୋମୀୟ ୧:୪)

ଯୀଶୁଖ୍ରୀଷ୍ଟ କ୍ରୁଶରେ ହତ ହେବା ଘଟଣାର ଚାକ୍ଷୁଷ ସାକ୍ଷୀ ଏକ ଶତ ସେନାପତି କହିଲେ, ''......ସତ୍ୟ, ଏ ଈଶ୍ୱରଙ୍କ ପୁତ୍ର ଥିଲେ ।'' (ମାଥିଉ ୨୭:୫୪) । ତାହାଙ୍କ ଶୁଦ୍ଧ ଜୀବନ, ତାହାଙ୍କ ଶିକ୍ଷା, ଭାବବାଣୀ ସକଳର ସଫଳତା, ତାହାଙ୍କ କୃତ ଆଶ୍ଚର୍ଯ୍ୟ କର୍ମ ଓ ତାହାଙ୍କ ପୁନଃରୁତ୍ଥାନ ତାହାଙ୍କ ଐଶ୍ୱରିକତ୍ୱର ପ୍ରମାଣ ଦିଏ । ଏହି ବିଶ୍ୱାସ ଓ ସ୍ୱୀକାର କରି ଆମ୍ଭେମାନେ ପାପକ୍ଷମା ନିମନ୍ତେ ତାହାଙ୍କ ନାମରେ ବାପ୍ତିଜିତ ହୋଇଥାଉ । ''.....ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରିତ ୨:୩୮) । ବାପ୍ତିଜିତ ହୋଇ, ''ତାହାଙ୍କ ପ୍ରତିମୂର୍ତ୍ତିରେ'' ପରିବର୍ତ୍ତିତ ହେଉ । (ରୋମୀୟ ୮:୨୯)

❋ ❋ ❋

**- E.Clude Gardner**

# "...ମୁଁ ତୁମ୍ଭ ନାମର ପ୍ରଶଂସା କରିବି..."
## ( I will praise your Name )

"ହେ ସଦାପ୍ରଭୁ, ତୁମ୍ଭେ ମୋହର ପରମେଶ୍ୱର, ମୁଁ ତୁମ୍ଭର ପ୍ରତିଷ୍ଠା କରିବି, ମୁଁ ତୁମ୍ଭ ନାମର ପ୍ରଶଂସା କରିବି, କାରଣ ତୁମ୍ଭେ ଆଶ୍ଚର୍ଯ୍ୟକ୍ରିୟା, ଅର୍ଥାତ୍, ପୁରାତନ କାଳର ମନ୍ତ୍ରଣାସବୁ ବିଶ୍ୱସ୍ତତାରେ ଓ ସତ୍ୟରେ ସାଧନ କରିଅଛି ।" (ଯିଶାଇୟ ୨୫:୧)

ସଦାପ୍ରଭୁଙ୍କ ପ୍ରଶଂସା ହେଉ ! ସେ ପ୍ରଭୁମାନଙ୍କ ପ୍ରଭୁ ରାଜାମାନଙ୍କ ରାଜା । "ଯେ ପରମଧନ୍ୟ ଓ ଏକମାତ୍ର ସମ୍ରାଟ...ଯେ ରାଜା ମାନଙ୍କର ରାଜା ଓ ପ୍ରଭୁମାନଙ୍କ ପ୍ରଭୁ । ଯେ ଏକମାତ୍ର ଅମର ଓ ଅଗମ୍ୟ ଜ୍ୟୋତିର୍ନିବାସୀ, ଯାହାଙ୍କୁ କୌଣସି ମର୍ତ୍ତ୍ୟ କେବେ ଦେଖି ନାହିଁ ବା ଦେଖିପାରେ ନାହିଁ, ଯେ ଉପଯୁକ୍ତ ସମୟରେ ତାହା ଦର୍ଶାଇବେ; ଅନନ୍ତକାଳ ପର୍ଯ୍ୟନ୍ତ ତାହାଙ୍କ ସମ୍ଭ୍ରମ ଓ ପରାକ୍ରମ ପ୍ରକାଶିତ ହେଉ । ଆମେନ୍ !" (୧ମ ତୀମଥି ୬:୧୫) । ସଦାପ୍ରଭୁ କି ଆପଣଙ୍କ ପ୍ରଭୁ ଅଟନ୍ତି ? ସେ କି ଆପଣଙ୍କ ଜୀବନ ରାଜତ୍ୱ କରୁଅଛନ୍ତି ? ଆଜି, ତାହାଙ୍କ ଆଜ୍ଞାବହ ହୋଇ ଆଶୀର୍ବାଦ ପ୍ରାପ୍ତ ହୁଅ । ଯୀଶୁଙ୍କ ହସ୍ତ ଓ ପାଦରେ ଥିବା କ୍ଷତଚିହ୍ନ ନ ଦେଖିବା ପର୍ଯ୍ୟନ୍ତ ଯୀଶୁଖ୍ରୀଷ୍ଟ ଯେ ପୁନଃରୁତ୍ଥିତ ହୋଇଅଛନ୍ତି, ବିଶ୍ୱାସ କରୁ ନ ଥିଲେ । ପୁନଃରୁତ୍ଥିତ ଯୀଶୁଙ୍କୁ ସେ ସ୍ୱଚକ୍ଷୁରେ ଦେଖି କହିଲେ, "ହେ ପ୍ରଭୁ, ମୋହର ଈଶ୍ୱର !" (ଯୋହନ ୨୦:୨୮)

ଆସ, ଆମ୍ଭେମାନେ ପ୍ରଭୁଙ୍କ ନାମ ଗୌରବାନ୍ୱିତ କରୁ । ଗୀତଗାୟନ ଓ ପ୍ରାର୍ଥନା ଦ୍ୱାରା ତାହାଙ୍କ ଗୌରବାନ୍ୱିତ କରୁ । ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି, "ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାରୀ ଓଷ୍ଠାଧାରର ଫଳ ନିତ୍ୟ ଉତ୍ସର୍ଗ କରୁ ।" (୧୩:୧୫) । ପ୍ରେରିତ ପିତର ଲେଖନ୍ତି, "କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର, ଏଥି ନିମନ୍ତେ ତୁମ୍ଭେମାନେ ଏକ

ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ ।'' (୨ୟ ପିତର ୨:୯) । ଧାର୍ମିକ ଜୀବନଯାପନ କରି, ତାହାଙ୍କ ଗୌରବ କରୁ। ମଣ୍ଡଳୀ ସମାବେଶରେ ଆପଣା ଆପଣା ଗୃହରେ, ବ୍ୟକ୍ତିଗତ ପ୍ରାର୍ଥନାରେ ତାହାଙ୍କ ସ୍ତବଗାନ କରୁ। ସେ ପ୍ରଶଂସାର ପାତ୍ର ଅଟନ୍ତି ! ସେ ଆମ୍ଭମାନଙ୍କ ନିମନ୍ତେ ଆଶ୍ଚର୍ଯ୍ୟକର୍ମ କରିଅଛନ୍ତି !

କ) ସେ ସର୍ବସୃଷ୍ଟିକର୍ତ୍ତା ଅଟନ୍ତି, ଏହି ବିଶ୍ୱ ଓ ମନୁଷ୍ୟଙ୍କୁ ସେ ସୃଷ୍ଟି କରିଅଛନ୍ତି। (ଆଦି ୧ମ ଅଧ୍ୟାୟ)

ଖ) ସେ ନୋହ ଓ ତାହାଙ୍କ ପରିବାରକୁ ମହାବନ୍ୟାରୁ ରକ୍ଷା କରିଥିଲେ। (ଆଦି ୭ମ ଅଧ୍ୟାୟ)

ଗ) ସେ ଇଶ୍ରାଏଲ୍ ଜାତିକୁ ମିସରର ଦାସତ୍ୱରୁ ରକ୍ଷା କରିଥିଲେ । (ଯାତ୍ରା ୧୨:୧୩)

ଘ) ସେ କିଣାନ ଦେଶ, ଇଶ୍ରାଏଲୀୟ ଜାତିକୁ ପ୍ରଦାନ କରିଥିଲେ। (ଯିହୋଶୂୟ ପୁସ୍ତକ)

ଙ) ଆମ୍ଭମାନଙ୍କ ପାପର ପରିତ୍ରାଣ ନିମନ୍ତେ ଆପଣା ଅଦ୍ୱିତୀୟ ପୁତ୍ରକୁ ଦାନ କଲେ। (୨ୟ କରିନ୍ଥୀ ୫:୨୧)

ଚ) ସେ ଯୀଶୁଙ୍କୁ ମୃତ୍ୟୁରୁ ପୁନଃରୁତ୍ଥିତ କରିଥିଲେ। (୧ମ କରିନ୍ଥୀ ୧୫:୧-୪)

ଛ) ସେ ଆମ୍ଭମାନଙ୍କୁ ପରିତ୍ରାଣର ପଥ ପ୍ରଦାନ କରିଅଛନ୍ତି। (ଯୋହନ ୧୪:୬ ଓ ମାର୍କ ୧୬:୧୬)

**ତାହାଙ୍କ ମନ୍ତ୍ରଣା ବିଶ୍ୱସ୍ତ ଓ ସତ୍ୟ :** ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ବିଶ୍ୱସ୍ତ ପରମେଶ୍ୱର ଅଟନ୍ତି । ଏହି ପରମେଶ୍ୱର ଉପରେ ଆମ୍ଭେମାନେ ବିଶ୍ୱାସ ଓ ଭରସା କରୁ। ତାହାଙ୍କ ବାକ୍ୟ କିଅବା ତାହାଙ୍କ ଆଜ୍ଞା ସକଳ ବିଶ୍ୱସନୀୟ। ଯୀଶୁଖ୍ରୀଷ୍ଟ, ସ୍ୱର୍ଗସ୍ଥ ପିତାଙ୍କୁ ପ୍ରାର୍ଥନା କରି କହିଲେ, ''ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ।'' (ଯୋହନ ୧୭:୧୭)। ଏହି ସତ୍ୟ ମନୁଷ୍ୟମାନଙ୍କୁ ପାପରୁ ମୁକ୍ତ କରେ। ''ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ

କରିବ ।'' (ଯୋହନ ୮:୩୨) । ମନୁଷ୍ୟର ଆତ୍ମାର ଶୁଦ୍ଧତା ନିମନ୍ତେ, ତାହାଙ୍କୁ ଈଶ୍ୱରଙ୍କ ବାକ୍ୟର ଅର୍ଥାତ୍ ସତ୍ୟର ଆଜ୍ଞାବହ ହେବା ଆବଶ୍ୟକ । ''ତୁମ୍ଭେମାନେ ସତ୍ୟର ଆଜ୍ଞାବହ ହୋଇ ନିଷ୍କପଟ ଭ୍ରାତୃପ୍ରେମ ନିମନ୍ତେ ଆପଣା ଆପଣା ଆତ୍ମାକୁ ଶୁଚି କରିଥିବାରୁ ଅନ୍ତର ସହ ଏକାଗ୍ର ଭାବେ ପରସ୍ପରକୁ ପ୍ରେମ କର ।'' (୧ମ ପିତର ୧:୨୨) । ଆସ, ଆମ୍ଭେମାନେ ତାହାଙ୍କ ଦତ୍ତ ପରିତ୍ରାଣରେ ଆନନ୍ଦିତ ହେଉ । ତାହାଙ୍କ ପ୍ରଶଂସା କରୁ । ତାହାଙ୍କୁ ଓ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ବିଷୟରେ ଅନ୍ୟମାନଙ୍କୁ ଜଣାଉ ।

❋ ❋ ❋

- Loy Mitchell

# ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ
## ( The Second Coming of Christ )

ପ୍ରଭୁ ଭୋଜ ପାଳନରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମରଣ ପ୍ରଚାର କରୁ । (୧ମ କରିନ୍ଥୀ ୧୧:୨୬) ଆମ୍ଭେମାନେ ଅତୀତରେ ସେ କରିଥିବା ତ୍ୟାଗ ସ୍ମରଣ କରୁ, ଭବିଷ୍ୟଦ୍‌ରେ ତାହାଙ୍କ ଆଗମନ ଅପେକ୍ଷା କରୁ ।

ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ବିଷୟରେ, ବିଭିନ୍ନ ବର୍ଗର ଲୋକମାନଙ୍କ ବିଭିନ୍ନ ଭାବ ଓ ବିଭିନ୍ନ ମତ । ''ଉର୍ଦ୍ଧ୍ୱାହରଣ'', ''ଶ୍ରମ ଦିନ'', ''ଯାକୁବର କଷ୍ଟ'', ''ଖ୍ରୀଷ୍ଟଙ୍କ ସମୟ'' ପ୍ରଭୃତି ପଦଗୁଡ଼ିକ ବ୍ୟବହୃତ ହେଉଅଛି । ଏହି ପଦଗୁଡ଼ିକ କିଅବା ଏହାର ଭାବଗୁଡ଼ିକ ପବିତ୍ର ଧର୍ମଶାସ୍ତ୍ରରେ ଉଲ୍ଲେଖିତ ହୁଏ ନାହିଁ । ଏହିସବୁ ଭେଦଭାବର କାରଣ ।

କିନ୍ତୁ ପବିତ୍ର ଧର୍ମଶାସ୍ତ୍ରରେ ପ୍ରଭୁଯୀଶୁଙ୍କ ଦ୍ୱିତୀୟ ଆଗମନ ବିଷୟରେ ସ୍ପଷ୍ଟ ଭାବେ ଲିଖିତ ହୋଇଅଛି ।

**୧) ସେ ପୁନର୍ବାର ଆସିବେ ବୋଲି ପ୍ରତିଜ୍ଞା କରିଅଛନ୍ତି (ଯୋହନ ୧୪:୩) :** ଯୀଶୁଖ୍ରୀଷ୍ଟଙ୍କ ସ୍ୱର୍ଗାହରଣ ସମୟରେ ସୁଦ୍ଧା ଏହି ପ୍ରତିଜ୍ଞା ଦୂତମାନେ ପ୍ରକଟ କରିଥିଲେ (ପ୍ରେରିତ ୧:୧୧) ତାହାଙ୍କ ଆଗମନରେ ପ୍ରତ୍ୟେକ ଚକ୍ଷୁ ତାହାଙ୍କୁ ଦେଖିବ (ପ୍ର:ବା ୧:୭)

୨)  **'ସମୟ' ପ୍ରକଟିତ ହୋଇନାହିଁ :** ତାହାଙ୍କ ଦ୍ୱିତୀୟ ଆଗମନର କୌଣସି ନିର୍ଦ୍ଦିଷ୍ଟ ସୂଚନା ପବିତ୍ର ଧର୍ମଶାସ୍ତ୍ରରେ ଲିଖିତ ହୋଇନାହିଁ । ଏହା ଶୀଘ୍ର ହୋଇପାରେ କିଅବା ବିଳମ୍ବ ହୋଇପାରେ । ଯୀଶୁ କହିଲେ, ''କିନ୍ତୁ ସେହିଦିନ ଓ ଦଣ୍ଡ ବିଷୟ କେହି ଜାଣନ୍ତି ନାହିଁ, ସ୍ୱର୍ଗର ଦୂତମାନେ କିମ୍ୱା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ କେବଳ ମାତ୍ର ପିତା ଜାଣନ୍ତି ।'' (ମାଥିଉ ୨୪:୩୬) । ତାହାଙ୍କ ଆଗମନ ବିଷୟରେ ମାଥିଉ ୨୪:୪୨, ୪୪; ୨୫:୧୩ ପଦଗୁଡ଼ିକରେ ସେ ପୁନଃରାବୃତ୍ତି କରନ୍ତି । ତାହାଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରି, ପ୍ରତିଜ୍ଞା ସଫଳାର୍ଥେ ଧୈର୍ଯ୍ୟ ସହ ଅପେକ୍ଷା କରୁ ।

୩)  **ମୃତମାନେ ପୁନଃରୁଥିତ ହେବେ :** ଶେଷଦିନ ବିଷୟରେ ଅନେକ ବାକ୍ୟ, ନୂତନ ନିୟମରେ ଲିଖିତ ହୋଇଅଛି । ଯୀଶୁ କହିଲେ, ସେ ଶେଷଦିନରେ ମୃତମାନଙ୍କୁ ଉଠାଇବେ । (ଯୋହନ ୬:୩୯, ୪୦, ୪୪, ୫୪) । ଏହି ଦିବସକୁ ପ୍ରେରିତ ପାଉଲ, ''ଶେଷ ତୂରୀଧ୍ୱନି''ର ଦିବସ ରୂପେ ୧ମ କରିନ୍ଥୀ ୧୫:୫୨ ବର୍ଣ୍ଣନା କରନ୍ତି । ଶେଷ ଦିନ ବିଚାରର ଦିନ ବୋଲି ଯୀଶୁ ଯୋହନ ୧୨:୪୮ ପଦରେ କହିଅଛନ୍ତି ।

୪)  **ଦ୍ୱିତୀୟ ଆଗମନ ଦିନରେ ପ୍ରତ୍ୟେକେ ବିଚାର ସିଂହାସନ ସମ୍ମୁଖ ଏକତ୍ରିତ ହେବେ (ମଥିଉ ୨୫:୩୩) :** ଦ୍ୱିତୀୟ ଆଗମନ ବିଷୟରେ ପ୍ରେରିତ ପାଉଲ କହନ୍ତି, ''ଯୁଗାନ୍ତ ଉପସ୍ଥିତ ହେବ ।'' (୧ମ କରିନ୍ଥୀ ୧୫:୨୪) ଯୀଶୁ କହିଲେ, ''ଏଥିରେ ଚମତ୍କୃତ ହୁଅ ନାହିଁ, କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତକର୍ମ କରିଅଛନ୍ତି, ସେମାନେ ଜୀବନର ପୁନଃରୁଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନଃରୁଥାନ ନିମନ୍ତେ ବାହାର ହୋଇ ଆସିବେ, ଏପରି ସମୟ ଆସୁଅଛି ।'' (ଯୋହନ ୫:୨୮-୨୯)

ଏହି ବାକ୍ୟଗୁଡ଼ିକ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ବିଷୟ ସବୁ ସୁସ୍ପଷ୍ଟ କରେ । ପବିତ୍ର ବାଇବଲ ଯାହା ଲିଖିତ ହୋଇନାହିଁ, ତାହା ଭ୍ରାନ୍ତ ଶିକ୍ଷା । ଆସ ଆମ୍ଭେମାନେ ପ୍ରକାଶିତ ବାକ୍ୟର ସତ୍ୟତାର ଅନୁସରଣ କରୁ ।

**- William Woodson**

# "...ମୋ ନିକଟରୁ ଶିଖ..."
## ( Learn of Me )

ଯୀଶୁ କହିଲେ, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଘେନ, ପୁଣି ମୋ ନିକଟରୁ ଶିଖ, କାରଣ, ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ । ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।" (ମାଥିଉ ୧୧:୨୮-୩୦) । ଯୀଶୁଖ୍ରୀଷ୍ଟ ସମସ୍ତ ଜାତି, ସମସ୍ତ ଦେଶବାସୀମାନଙ୍କୁ ତାହାଙ୍କ ନିକଟକୁ ଆସିବାକୁ ଆହ୍ୱାନ ଜଣାନ୍ତି । କାରଣ ପ୍ରତ୍ୟେକ ମନୁଷ୍ୟ ତାହାଙ୍କ ଦ୍ୱାରା ସୃଷ୍ଟ । କୌଣସି ଆତ୍ମା ବିନଷ୍ଟ ହେବା ସେ ଇଚ୍ଛା କରନ୍ତି ନାହିଁ । ମନୁଷ୍ୟମାନଙ୍କ ଜୀବନ ପରିଶ୍ରାନ୍ତ ଓ ପାପ ଭାରଗ୍ରସ୍ତ । ପାପ ଭାରରୁ ମୁକ୍ତ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ପ୍ରତ୍ୟେକ ମନୁଷ୍ୟମାନଙ୍କୁ ଆପଣା ନିକଟକୁ ଆହ୍ୱାନ ଜଣାନ୍ତି । ଯେଉଁମାନେ ତାହାଙ୍କ ନିକଟକୁ ଆସି, ତାହାଙ୍କ ନିକଟରେ ଶିଖନ୍ତି, ସେ ସେମାନଙ୍କୁ ବିଶ୍ରାମ ଦେବେ । ଯୀଶୁ ଏହି ଜଗତରେ ତେତିଶି ବର୍ଷ ମନୁଷ୍ୟ ଶରୀର ଧାରଣ କରି ଜୀବନଯାପନ କରିଥିଲେ । ତାହାଙ୍କ ଜୀବନୀରୁ ଅନେକ ବିଷୟ ଶିକ୍ଷା କରିପାରୁ ।

ଲୂକ ୨:୪୧-୫୧ ବାକ୍ୟଗୁଡ଼ିକରେ ଯୀଶୁଖ୍ରୀଷ୍ଟଙ୍କ ବାଲ୍ୟକାଳର ଗୋଟିଏ ଘଟଣା ଲିଖିତ ହୋଇଅଛି । "ତାହାଙ୍କ ପିତାମାତା ପ୍ରତିବର୍ଷ ନିସ୍ତାର ପର୍ବ ସମୟରେ ଯିରୁଶାଲମକୁ ଯାଉଥିଲେ । ତାହାଙ୍କର ବାର ବର୍ଷ ସମୟରେ ସେମାନେ ପର୍ବର ରୀତି ଅନୁସାରେ ସେଠାକୁ ଯାତ୍ରା କଲେ ।" (ଲୂକ ୨:୪୧,୪୨) । ଯୀଶୁଖ୍ରୀଷ୍ଟଙ୍କ ଜାଗତିକ ପିତାମାତାମାନେ ଏକ ଧାର୍ମିକ ଦମ୍ପତ୍ତି ଓ ଯିହୂଦୀୟ ରୀତିନୀତି ଅନୁଯାୟୀ ପ୍ରତିପାଳନ କରୁଥିଲେ । ଆମ୍ଭେମାନେ ମଧ୍ୟ ଆମ୍ଭମାନଙ୍କ ସନ୍ତାନ ସନ୍ତତିମାନଙ୍କୁ ସଦାପ୍ରଭୁଙ୍କ ଭୟ ଓ ଖ୍ରୀଷ୍ଟିୟ ରୀତିନୀତିରେ ପାଳନ କରୁ । ପର୍ବ ସମାପ୍ତି ହେବା ପରେ ସେମାନେ ବାହୁଡ଼ିବା ସମୟରେ ବାର ବର୍ଷୀୟ ଯୀଶୁଖ୍ରୀଷ୍ଟ, ପିତାମାତାଙ୍କ ସଙ୍ଗରେ ନ ଯାଇ ମନ୍ଦିରରେ ରହି ପଣ୍ଡିତମାନଙ୍କ ମଧ୍ୟରେ ବସି ସେମାନଙ୍କ କଥା ଶୁଣୁଥିଲେ ଓ ସେମାନଙ୍କୁ ପ୍ରଶ୍ନ ପଚାରିବାକୁ ଲାଗିଲେ । ତାହାଙ୍କ ଶାସ୍ତ୍ର ବା ଈଶ୍ୱରଙ୍କ ବାକ୍ୟ ବିଷୟକ ଜ୍ଞାନ

ସମସ୍ତଙ୍କୁ ଆଚମ୍ବିତ କରିଥିଲା । ଆମ୍ଭମାନଙ୍କ ସଦୃଶ୍ୟ ଯୀଶୁଖ୍ରୀଷ୍ଟଙ୍କ ନିକଟରେ ଧର୍ମଶାସ୍ତ୍ର ନ ଥିଲା । ଧର୍ମଶାସ୍ତ୍ର ଚର୍ମପୁସ୍ତକରେ ଲିଖିତ ହୋଇଥିଲା । ଚର୍ମପୁସ୍ତକଗୁଡ଼ିକ ସମାଜ ମନ୍ଦିରରେ ରଖାଯାଉଥିଲା ଏବଂ ବିଶ୍ରାମବାରରେ ଶାସ୍ତ୍ରୀମାନେ ମଣ୍ଡଳୀକୁ ପଢ଼ି ଶୁଣାଉଥିଲେ । ଶାସ୍ତ୍ରୀମାନଙ୍କ ପଠନ, ଶ୍ରବଣ କରି ବାଳକ ଯୀଶୁଖ୍ରୀଷ୍ଟ ଶାସ୍ତ୍ର ଆପଣା ହୃଦୟରେ ଈଶ୍ୱରଙ୍କ ବାକ୍ୟ ସଞ୍ଚୟ କରି ରଖିଥିଲେ । ଦାଉଦ ଗୀତ ସଂହିତାରେ କହନ୍ତି, "....ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।" (ଗୀତ ୧୧୯:୧୧) ତାହାଙ୍କ ସଦୃଶ୍ୟ ଆମ୍ଭେମାନେ ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ବାକ୍ୟ ଆପଣା ହୃଦୟରେ ସଞ୍ଚୟ କରି ରଖୁ । ଯୀଶୁ ଫାରୁଶୀମାନଙ୍କୁ ଶାସ୍ତ୍ରୀମାନଙ୍କୁ ଅନେକ ଥର, "....ତୁମ୍ଭେମାନେ କଅଣ ଏହା ପାଠ କରିନାହଁ ? (ମାଥିଉ ୧୨:୩,. ୧୯:୫, ୨୧:୧୩, ୧୬) । ଚାଳିଶି ଦିବାରାତ୍ରୀ ଉପବାସ ପରେ ସେ ଶୟତାନଙ୍କ ଦ୍ୱାରା ପରୀକ୍ଷିତ ହୋଇଥିଲେ । ସେ ବାକ୍ୟ ବ୍ୟବହାର କରି ବିଜୟୀ ହୋଇଥିଲେ । (ମାଥିଉ ୪:୧-୧୦) । ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, "ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ...." (କଲସୀ ୩:୧୬) । ପ୍ରତି ବିଶ୍ରାମ ଦିନରେ ସେ ସମାଜ ମନ୍ଦିରରେ ପ୍ରବେଶ କରି, ଈଶ୍ୱରଙ୍କ ଆରାଧନା କରୁଥିଲେ । ତାହାଙ୍କ ସଦୃଶ୍ୟ ଆମ୍ଭେ ପ୍ରତି ରବିବାର ତାହାଙ୍କୁ ଆରାଧନା କରୁ । (ଲୁକ ୪:୧୬ ଓ ଏବ୍ରୀ ୧୦:୨୫) । ଯୀଶୁଖ୍ରୀଷ୍ଟଙ୍କ ଏହି ସୁଗୁଣ ଆମ୍ଭେମାନେ ଅବଲମ୍ବନ କରୁ । ଈଶ୍ୱରଙ୍କ ବାକ୍ୟ ନିୟମିତ ଭାବେ ଅଧ୍ୟୟନ କରୁ । କାରଣ (କ) ବାକ୍ୟ ଶ୍ରବଣ କରି, ଆଜ୍ଞାବହ ହେବା ଦ୍ୱାରା ପରିତ୍ରାଣ ପାଇପାରୁ । (ଖ) ଏହି ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ ପାନ କରି ଆତ୍ମିୟ ଅଭିବୃଦ୍ଧି ପାଇପାରୁ । (ଗ) ଏହା ଆତ୍ମାଙ୍କ ଖଡ଼୍ଗ ଶୟତାନର ସମସ୍ତ ଚାତୁରୀତ୍ୱ ଠାରୁ ବିଜୟୀ ହୋଇ ପାରୁ । (ଏଫିସୀ ୬:୧୭) । (ଘ) ବାକ୍ୟ, ଆମ୍ଭମାନଙ୍କ ଈଶ୍ୱରଙ୍କ ବିରୁଦ୍ଧରେ ପାପ ନ କରିବାରେ ସାହାଯ୍ୟ କରେ । (ଗୀତ ୧୧୯:୧୧) (ଙ) ଯୀଶୁଖ୍ରୀଷ୍ଟଙ୍କ ବ୍ୟକ୍ତ ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାରିତ ହେବା । (ଯୋହନ ୧୨:୪୮)

(୨) ଯଦିଓ ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଥିଲେ, ଏହି ଜଗତରେ ସେ ଏକ ପ୍ରାର୍ଥନାଶୀଳ ବ୍ୟକ୍ତି । ତାହାଙ୍କ ପ୍ରାର୍ଥନାମୟ ଜୀବନ ଅନୁସରଣ କରୁ । (କ) "......ଯୀଶୁ ମଧ୍ୟ ବାପ୍ତିଜିତ ହୋଇ ପ୍ରାର୍ଥନା କରୁଥିବା ସମୟରେ ଆକାଶ ଉନ୍ମୁକ୍ତ

ହେଲା, ପୁଣି ପବିତ୍ର ଆତ୍ମା ଦୈହିକ ଭାବେ କପୋତ ପରି ତାହାଙ୍କ ଉପରକୁ ଓହ୍ଲାଇ ଆସିଲେ, ଆଉ ଆକାଶରୁ ଏହି ବାଣୀ ହେଲା, ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର, ତୁମ୍ଭ ଠାରେ ଆମ୍ଭର ପରମ ସନ୍ତୋଷ ।'' (ଲୂକ ୩:୨୧) (ଖ) ତତ୍ପରେ ସେ ଚାଳିଶ ଦିନ ପ୍ରାନ୍ତରରେ ଉପବାସ ରହି ପ୍ରାର୍ଥନା କରୁଥିଲେ । (ମାଥିଉ ୪:୧-୨ ଓ ଲୂକ ୪:୧,୨) (ଗ) ଯୀଶୁଖ୍ରୀଷ୍ଟ ପାହାନ୍ତିଆ ସମୟରେ ଉଠି, ଏକାନ୍ତ ଭାବେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । (ମାର୍କ ୧:୩୫) । (ଘ) ବେଳେ ବେଳେ ସେ ଏକାକୀ ଦିନ ସାରା ପ୍ରାର୍ଥନାରେ ବିତାଉଥିଲେ । (ମାଥିଉ ୧୪:୨୩) (ଙ)ବାର ଜଣ ପ୍ରେରିତମାନଙ୍କୁ ମନୋନୀତ କରିବା ପୂର୍ବେ ସେ ସମସ୍ତ ରାତ୍ରି ପ୍ରାର୍ଥନାରେ ଯାପନ କରିଥିଲେ । (ଲୂକ ୬:୧୨) (ଚ) ଶତ୍ରୁ ହସ୍ତରେ ସମର୍ପିତ ହେବା ପୂର୍ବେ, ବେଥ୍ଶିମାନୀ ତୋଟାରେ ବ୍ୟାକୁଳ ଭାବେ ପିତା ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ (ମାଥିଉ ୨୬:୩୯, ଲୂକ ୨୨:୪୧, ୨୩:୩୫) । ପ୍ରେରିତମାନଙ୍କ କାର୍ଯ୍ୟାବଳୀରେ, ପ୍ରେରିତମାନେ କରିଥିବା ଅନେକ ପ୍ରାର୍ଥନା ଆମ୍ଭେମାନେ ପଢ଼ିପାରୁଥାଉ ।

ଯୀଶୁ, ଆମ୍ଭେମାନେ କିପରି ପ୍ରାର୍ଥନା କରିବା ଆବଶ୍ୟକ ଶିଖାଇଅଛନ୍ତି, ଯାହା ଆମ୍ଭେମାନେ ମାଥିଉ ୬:୯-୧୩ । (କ) ଆମ୍ଭେମାନେ ସ୍ୱର୍ଗସ୍ଥ ପିତା ଉଦ୍ଦେଶ୍ୟରେ ପ୍ରାର୍ଥନା କରୁ । ତାହାଙ୍କ ସମସ୍ତ ମଙ୍ଗଳଦାନ ନିମନ୍ତେ ଧନ୍ୟବାଦ ଦେଉ । (ଖ) ରାଜ୍ୟ ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀର ଅଭିବୃଦ୍ଧି ନିମନ୍ତେ ପ୍ରାର୍ଥନା କରୁ । ୧୦ଙ୍ଗ (ଗ) ଆମ୍ଭମାନଙ୍କ ପ୍ରାୟୋଜନୀୟ ବିଷୟରେ ତାହାଙ୍କୁ ନିକଟରେ ପ୍ରାର୍ଥନା କରୁ । (ଘ) ପରୀକ୍ଷାରୁ, ମନ୍ଦତା ଠାରୁ ରକ୍ଷା କରିବା ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ (୧୩) । ଆମ୍ଭମାନଙ୍କ ଅପରାଧସବୁ କ୍ଷମା ଭୀକ୍ଷା କରୁ । ୧୨-୧୫) । (ଙ) ଆମ୍ଭମାନଙ୍କ ପରିବାର, ମଣ୍ଡଳୀ ସଭ୍ୟ, ପ୍ରଚାରକମାନଙ୍କ ନିମନ୍ତେ, ଦେଶ ଅଧିକାରୀମାନଙ୍କ ନିମନ୍ତେ ପ୍ରାର୍ଥନା । ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନାଶୀଳ ଜୀବନ, ଆମ୍ଭମାନଙ୍କ ଆଦର୍ଶ ହେଉ ।

(୩) ଯୀଶୁଖ୍ରୀଷ୍ଟ ଆପଣା ପ୍ରାର୍ଥନାରେ ସର୍ବଦା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଥିଲେ । (କ) ସେହି ସମୟରେ ଯୀଶୁ ଉତ୍ତର ଦେଲେ, ପିତଃ, ସ୍ୱର୍ଗ ଓ ପୃଥିବୀ ପ୍ରଭୋ, ......ଏଥି ନିମନ୍ତେ ତୁମ୍ଭର ସ୍ତୁତିବାଦ କରୁଅଛି ।'' (ମାଥିଉ ୧୧:୨୫, ଲୂକ ୧୦:୨୧,୨୨) (ଖ) ଆଉ, ଯୀଶୁ ଊର୍ଦ୍ଧ୍ୱ ଦୃଷ୍ଟି କରି କହିଲେ, ପିତଃ, ତୁମ୍ଭେ

ମୋହର ପ୍ରାର୍ଥନା ଶୁଣିଲ ବୋଲି ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି । (ଗ) "......ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁ ଯୀଶୁ ରୋଟି ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ......" (୧ମ କରିନ୍ଥୀ ୧୧:୨୩) । (ଘ) ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, "ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" (କଲସୀ ୩:୧୭) । (ଙ) "ସବୁ ଅବସ୍ଥାରେ ଧନ୍ୟବାଦ ଦିଅ; କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଏହା ଈଶ୍ୱରଙ୍କ ଅଭିମତ ।" (୧ମ ଥେସ ୫:୧୮)

ଯୀଶୁଖ୍ରୀଷ୍ଟ ଆପଣା ପ୍ରାର୍ଥନାରେ, ଆପଣା କଥାବାର୍ତ୍ତାରେ, ଆଚରଣରେ, କାର୍ଯ୍ୟରେ ସ୍ୱର୍ଗସ୍ଥ ପିତାଙ୍କୁ ଗୌରବାନ୍ୱିତ କରୁଥିଲେ । (୧) ଆପଣା ଶିଷ୍ୟମାନଙ୍କୁ ଆଦର୍ଶ ପ୍ରାର୍ଥନା ଶିଖାଇ କହିଲେ, "ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ । (୨) ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।" (ମାଥିଉ ୭:୨୧, ଯୋହନ ୬:୩୨, ୫୭, ୬୫, ୮:୨୭; ୧୪:୨୪) । (୩) "ଯୀଶୁ ଏହି ସମସ୍ତ କଥା କହି ସ୍ୱର୍ଗଆଡ଼େ ଊର୍ଦ୍ଧ୍ୱଦୃଷ୍ଟି କରି କହିଲେ, ପିତଃ, ସମୟ ଉପସ୍ଥିତ ହେଲାଣି, ତୁମ୍ଭର ପୁତ୍ରଙ୍କୁ ମହିମାନ୍ୱିତ କର, ଯେପରି ପୁତ୍ର ତୁମ୍ଭକୁ ମହିମାନ୍ୱିତ କରନ୍ତି । (ଯୋହନ ୧୭:୨, ୨୬)

(୪) ଯୀଶୁଖ୍ରୀଷ୍ଟଙ୍କ ଜୀବନୀରୁ ତାହାଙ୍କ ଦୟାଗୁଣ ଶିକ୍ଷା କରୁ । ମନୁଷ୍ୟମାନଙ୍କ ଦୁଃସ୍ଥିତିରେ ସେ "ଦୟାରେ ବିଗଳିତ" ହେଉଥିଲେ । (୧) ସେ ଏକ କୁଷ୍ଠରୋଗୀକୁ ଦେଖି ଦୟାରେ ବିଗଳିତ ହେଲେ ଓ ସ୍ପର୍ଶ କରି ସୁସ୍ଥ କଲେ । (ମାର୍କ ୧:୪୦-୪୨, ଲୂକ ୭:୧୩) (୨) ଅନାହାରରେ ଥିବା ଅସଂଖ୍ୟ ଜନସମୂହ ପ୍ରତି ସେ ଦୟାରେ ବିଗଳିତ ହୋଇ ସେମାନଙ୍କୁ ପାଞ୍ଚରୋଟୀ ଓ ଦୁଇ ସାନ ପାଞ୍ଚ ଓ ଦ୍ୱିତୀୟ ଥର ସାତୋଟି ରୋଟୀ ଓ କେତୋଟି ସାନ ମାଛ ଦ୍ୱାରା ଖାଦ୍ୟ ପରିବେଷଣ କରିଥିଲେ । (ମାଥିଉ ୯:୩୬, ୧୪:୧୪, ୧୫:୩୨) (୩) ଅରକ୍ଷକ ମେଷ ତୁଲ୍ୟ ଥିବା ସମସମୂହକୁ 'ଦୟାରେ ବିଗଳିତ' ହୋଇ ସେ ଅନେକ ବିଷୟ ଶିକ୍ଷା ଦେଉଥିଲେ । (ମାର୍କ ୬:୩୪, ଲୂକ ୯:୧୧) (୪) ସେ ନାଇନ ନଗରବାସୀ ଏକ ବିଧବା ପ୍ରତି ଦୟାରେ ବିଗଳିତ

ହୋଇ ତାହାର ମୃତ ପୁତ୍ରକୁ ଜୀବନଦାନ ଦେଇଥିଲେ । (ଲୂକ ୭:୧୩) । ଯୀଶୁ କହିଲେ, ''ତୁମ୍ଭମାନଙ୍କ ପିତା ଯେପରି ଦୟାଳୁ, ତୁମ୍ଭେମାନେ ସେହିପରି ଦୟାଳୁ ହୁଅ ।'' (ଲୂକ ୬:୩୬, ଯାକୁବ ୨:୧୩) ।

(୫) ଯୀଶୁଖ୍ରୀଷ୍ଟଙ୍କ ଜୀବନୀରୁ ତାହାଙ୍କ 'କ୍ଷମାଗୁଣ' ଶିକ୍ଷା :- ସେ ଆପଣା ଅପରାଧିମାନଙ୍କୁ କ୍ଷମା କରିଥିଲେ । ତାହାଙ୍କୁ କ୍ରୁଶରେ ଚଢ଼ାଇଥିବା ତାହାଙ୍କ ଶତ୍ରୁମାନଙ୍କୁ କ୍ଷମା କରିବା ନିମନ୍ତେ ପିତାଙ୍କ ଠାରେ ପ୍ରାର୍ଥନା କରି ଥିଲେ । ''ସେତେବେଳେ ଯୀଶୁ କହିଲେ, ପିତଃ ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ଜାଣନ୍ତି ନାହିଁ...'' (ଲୂକ ୨୩:୩୩) । ପ୍ରେରିତ ପିତର ତାହାଙ୍କୁ ପଚାରିଥିଲେ,''....ହେ ପ୍ରଭୁ କେତେଥର ମୋହର ଭାଇ ମୋ ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି ? କି ସାତ ଥର ପର୍ଯ୍ୟନ୍ତ କହୁନାହିଁ, ମାତ୍ର ସତୁରି ଗୁଣ ସାତ ଥର ପର୍ଯ୍ୟନ୍ତ । .....ତୁମ୍ଭେମାନେ ପ୍ରତ୍ୟେକ ଜଣ ଯଦି ଅନ୍ତର ସହ ଆପଣା ଆପଣା ଭାଇ କି କ୍ଷମା ନ କର, ତାହାହେଲେ ମୋହର ସ୍ୱର୍ଗସ୍ଥ ପିତା ହିଁ ତୁମ୍ଭମାନଙ୍କ ପ୍ରତି ସେହି ପ୍ରକାରେ କରିବେ ।'' (ମାଥିଉ ୧୮:୨୧-୩୫, ୬:୧୪-୧୫) । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକି ଲେଖନ୍ତି, ''ଆଉ, ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱରଙ୍କ ଖ୍ରୀଷ୍ଟଙ୍କ ଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର ।'' (ଏଫିସୀ ୪:୩୨)

(୬) ଆମ୍ଭେମାନେ ତାହାଙ୍କ ନମ୍ରତା ଶିକ୍ଷା କରୁ : ଯୀଶୁ କହିଲେ,''ମୋ' ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ...'' (ମାଥିଉ ୧୧:୨୯) ସ୍ୱର୍ଗସ୍ଥ ପିତାଙ୍କ ଅଦ୍ୱିତୀୟ ପୁତ୍ର ଏକ ବଢ଼େଇ ପରିବାରେ, ଗୁହାଳ କୁଣ୍ଡରେ ଜନ୍ମି ଥିଲେ । ରାଜାଧିରାଜ ଏକ ସାଧାରଣ ମନୁଷ୍ୟ ଭାବେ ଜନ୍ମି, ସାଧାରଣ ମନୁଷ୍ୟଭାବେ ଜୀବନଯାପନ କରିଥିଲେ, ସେ କହିଲେ,''.....କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ ।'' (ଲୂକ ୯:୫୮) । ପ୍ରେରିତ ପାଉଲ ତାହାଙ୍କ ବିଷୟରେ ଫିଲିପି ମଣ୍ଡଳୀକୁ ଲେଖନ୍ତି,''ସେ ଈଶ୍ୱର ସ୍ୱରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସ ରୂପ ଧାରଣ

କରି ଆପଣାକୁ ଶୂନ୍ୟ କଲେ । କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସ ରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ । ଏହି କାରଣରୁ ଇଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ । ପୁଣି, ପିତା ଇଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ ।'' (ଫିଲିପୀ ୨:୬-୧୧) । ''.....ଇଶ୍ୱର ଅହଂକାରୀମାନଙ୍କୁ ପ୍ରତିରୋଧ କରନ୍ତି, କିନ୍ତୁ ନମ୍ର ଲୋକମାନଙ୍କୁ ଅନୁଗ୍ରହ ଦାନ କରନ୍ତି ।'' (ଯାକୁବ ୪:୬ ଓ ଏଫିସୀ ୪:୨) । ସେ ଅହଂକାରୀ ଫାରୁଶୀର ପ୍ରାର୍ଥନା ଅଗ୍ରାହ୍ୟ କରି, ନମ୍ର କରଗ୍ରାହୀର ପ୍ରାର୍ଥନା ଗ୍ରହଣ କରିଥିଲେ । (ଲୁକ ୧୮:୯-୧୪) । ସଦାପ୍ରଭୁ ପରମେଶ୍ୱର କହନ୍ତି, ''ହେ ମନୁଷ୍ୟ, ଯାହା ଉତ୍ତମ ତାହା ସେ ତୁମ୍ଭଙ୍କୁ ଜଣାଇ ଅଛନ୍ତି, ନ୍ୟାୟଚରଣ, ଦୟା ଭଲ ପାଇବା ଓ ନମ୍ର ଭାବରେ ତୁମ୍ଭ ପରମେଶ୍ୱରଙ୍କ ସହିତ ଗମନାଗମନ କରିବାର, ଏହାଛଡ଼ା ସଦାପ୍ରଭୁ ତୁମ୍ଭ ଠାରୁ ଆଉ କଅଣ ଚାହାନ୍ତି ? (ମୀଖା ୬:୭)

ବାକ୍ୟରେ ପ୍ରବୀଣ, ପ୍ରାର୍ଥନାଶୀଳ, କୃତଜ୍ଞ, ଦୟାଳୁ, କ୍ଷମାଶୀଳ, ନମ୍ରଚିତ୍ତ ଯୀଶୁଖ୍ରୀଷ୍ଟଙ୍କୁ ଜୁଆଳି ବହନ କରୁ । ତାହାଙ୍କ ଜୁଆଳି ଅର୍ଥାତ୍ ତାହାଙ୍କ ବାକ୍ୟର ଆଜ୍ଞାବହ ହେଉ । ''.....ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ ।'' (୧ମ ଯୋହନ ୫:୩) । ଆମ୍ଭେମାନେ ତାହାଙ୍କ ଜୀବନୀରୁ ଶିକ୍ଷା କରି ଅନୁସରଣ କଲେ ସେ ଆମ୍ଭମାନଙ୍କ ଆତ୍ମାକୁ ବିଶ୍ରାମ ଦେବେ । ''ଏଣୁ ଆସ, ଆମ୍ଭେମାନେ ସେହି ବିଶ୍ରାମରେ ପ୍ରବେଶ କରିବାକୁ ଯତ୍ନ କରୁ, .....'' (ଏବ୍ରୀ ୪:୧୧) । ପ୍ରେରିତ ଯୋହନ ପ୍ରକାଶିତ ବାକ୍ୟରେ କହନ୍ତି, ''ପୁଣି ମୁଁ ଏହି ବାଣୀ ଶୁଣିଲି, ଲେଖ ଯେଉଁମାନେ ଏଣିକି ପ୍ରଭୁଙ୍କ ଠାରେ ଥାଇ ମରନ୍ତି, ସେମାନେ ଧନ୍ୟ, ହଁ ଆତ୍ମା କହୁଅଛନ୍ତି, ସେମାନେ ଆପଣା ଆପଣା ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ......'' (ପ୍ର.ବା: ୧୪:୧୩) ।

ଏଣୁ ଆସ, ଆମ୍ଭେମାନେ ଯୀଶୁଙ୍କ ଆହ୍ୱାନରେ ମନଯୋଗ କରି, ତାହାଙ୍କ ନିକଟକୁ ଯିବା । ତାହାଙ୍କ ଠାରୁ ଶିକ୍ଷା କରିବା ଓ ତାହାଙ୍କ ଦତ୍ତ ବିଶ୍ରାମରେ ପ୍ରବେଶ କରିବା ।

❋ ❋ ❋

**- Kabita Gootam**

**Edited & Published by : Kabita & Joshua Gootam**

We have biblical examples of men that lead their wives and family. Noah was able to lead his family into building the ark and saving them during the floods. Likewise we read of Abraham. He led his wife Sarah till the time of her passing. Similarly Paul writing to Timothy has mentioned that an elder in the Lord's church has to rule his home first. "One that ruleth well his own house, having his children in subjection with all gravity" (ITi. 3:4).

Renich gives three objectives for husbands to be effective leaders in their homes : "(1) To know each member of your family, beginning with your wife. (2) The encourage the development and use of the gifts God has given each member of your family. 93) To pace yourself as leader to the capacity of those you lead" (85).

### A HUSBAND IS A PROVIDER

God has laid the responsibility of providing for the wife and children unto the husband. Paul writes to Timothy saying, "But if any provide not for his own, and specially for those of his own house, he hath denied the faith, and is worse than an infidel" (1Ti. 5:8).

It was God constituted the marriage and it was God who gave responsibility to the husband to provide for his wife. God told Moses that, "When a man hath taken a new wife, he shall not go out to war, neither shall not go out to war, neither shall he be charged with any business : but he shall be free at home one year, and shall cheer up his wife which he hath taken" (Deut. 24:5). Thompson says, "He was granted a year's leave of absence to be with his wife, to ensure her happiness and to commence a family" (268).

### A HUSBAND IS A PROTECTOR

When we read the bible we come across the account of David's wives being taken away as captive by the Amalakites. "And David's two wives were taken captives, Ahinoam the Jezreelitess, and Abigail the wife of Nabal the Carmelite" (1Sam 30:5). David could have chosen to given up on them but the scriptures says, "And David enquired at the LORD, saying, Shall I pursue after this troop? Shall I overtake them ? And He answered him, Pursue : for thou shalt surely overtake them, and without fail recover all." (1Sam 30:8). It is clear from the scriptures that the Lord wishes that the husband be the protector of his wife and children.

When the walls of Jerusalem were being rebuilt, Nehemian said to the people, "Be not ye afraid of them : remember the Lord, which is great and terrible, and fight for your brethren, your sons and your daughters, and your wives, and your homes" (Neh. 4:4)... A man should be willing to die protecting his wife. If he

not to love his wife as Christ loved the church? And did not Christ die for the church? (Eph. 5:25).

**CONCLUSION**

In this study we have briefly studied three important biblical roles of husband : a husband is a leader, a husband is a provider and a husband is a protector. We sall conclude this study from a quote from Burns.

Ten Commandements for hunsbands are 91) Remember that thy wife is thy partner and not thy property. (2) Do not expect thy wife to be wife and wage carner at the same time. (3) Think not that thy business is none of thy wife's business. (4) Thou shalt hold thy wife's love by the same means that thous won it. (5) Thou shalt make the building of thy home thy first business. (6) Thou shalt co-operate with thy wife in establishing family discipline. (7) Thou shalt enter into the house with cheerfulness. (8) Thou shalt not let anyone criticize thy wife to thy face and get away with it; neither thy father, nor thy mother, nor thy brethren, nor thy sisters, nor thy children. (9) Thou shalt be in subjection to Christ in all things so thy wife may find Joy, in being subjection to you. (10) Thou shalt keep thy marriage vows with all diligence as a sacred covenant between thee, thy wife and God (79).

**Ronnie Gootam**

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)